vaishnavi
CORPORATE COMMUNICATIONS



| | | | |
|---|---|---|---|
| Publication: | Sambadadharana | TCS | |
| Edition: | Bhubaneswar | | |
| Date: | 24, August 2011 | | |
| Page: | 09 | | |



Tata IT Wiz on 6th

# ଟାଟା ଆଇଟି ୱିଜ୍ ୬ରୁ

ଭୁବନେଶ୍ୱର:

ଟାଟା କନ୍‌ସଲଟାନ୍ସି ସର୍ଭିସେସ୍ ପକ୍ଷରୁ ଟିସିଏସ୍ ଆଇଟି ୱିଜ୍ ସେପ୍ଟେମ୍ବର ୬ ତାରିଖରେ ଅନୁଷ୍ଠିତ ହେବ ବୋଲି କଂପାନୀ କର୍ତ୍ତୃପକ୍ଷ ଘୋଷଣା କରିଛନ୍ତି। ସ୍ଥାନୀୟ ଜୟଦେବ ବିହାରସ୍ଥିତ ପାଲ ହାଇଟ୍‌ସ୍ ଠାରେ ଏହି କାର୍ଯ୍ୟକ୍ରମ କରାଯିବ। ଏହି କାର୍ଯ୍ୟକ୍ରମ ଦେଶର ସର୍ବବୃହତ ଆଇଟି ସ୍କୁଲ କୁଇଜ ବୋଲି କର୍ତ୍ତୃପକ୍ଷ କହିଛନ୍ତି। ଏହି କୁଇଜ୍ ପ୍ରତିଯୋଗିତାରେ ୮ ମରୁ ୧୨ଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଭାଗ ନେଇପାରିବେ। ପ୍ରତିଯୋଗିତା ପାଇଁ କୌଣସି ପ୍ରବେଶ ଶୁଳ୍କ ଦେବାକୁ ହେବନାହିଁ। ଭୁବନେଶ୍ୱର ପରି ଦେଶର ୧୨ ଟି ସ୍ଥାନରେ ଅନୁରୂପ ପ୍ରତିଯୋଗିତା କରାଯିବ। ହାଇଦ୍ରାବାଦ୍, ଅହମ୍ମଦାବାଦ୍, ବାଙ୍ଗାଲୋର୍, ଚେନ୍ନାଇ, କୋଏମ୍ବାଟୁର, ପୁନେ, କୋଲକାତା, ଭୁବନେଶ୍ୱର, କୋଚି, ଲକ୍ଷ୍ନୌ, ଦିଲ୍ଲୀ ଓ ମୁମ୍ବାଇ ଠାରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ଆଞ୍ଚଳିକ ରାଉଣ୍ଡରେ କୃତୀ ପ୍ରତିଯୋଗିମାନେ ଆସନ୍ତା ଡିସେମ୍ବର ମାସରେ ହେବାକୁ ଥିବା ଫାଇନାଲ୍ ରାଉଣ୍ଡରେ ଭାଗ ନେବେ। ଦୀର୍ଘ ୧୨ ବର୍ଷ ଧରି କଂପାନୀ ତାର ସାମାଜିକ ଅଙ୍ଗୀକାରବଦ୍ଧତା କାର୍ଯ୍ୟକ୍ରମରେ ଏହି ପ୍ରତିଯୋଗିତାକୁ ସାମିଲ କରିଛି। କୁଇଜ୍ ଜରିଆରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଇଟି ସଂପର୍କୀୟ ସଚେତନତା ସୃଷ୍ଟି କରାଯାଇପାରିବ ବୋଲି କଂପାନୀ ପକ୍ଷରୁ କୁହାଯାଇଛି। ପ୍ରଥମ ରାଉଣ୍ଡରେ ଲିଖିତ ପରୀକ୍ଷା କରାଯିବ। ଏଥିରେ ଆଇଟି ସଂପର୍କୀୟ ୨୦ ଟି ପ୍ରଶ୍ନ ରହିବ। ପରବର୍ତ୍ତୀ ରାଉଣ୍ଡରେ ମୌଖିକ ଓ ଦୃଶ୍ୟ ଓ ଶ୍ରାବ୍ୟ ଯନ୍ତ୍ର ସାହାଯ୍ୟରେ ଛାତ୍ରଛାତ୍ରୀ ମାନେ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବେ। ଲିଖିତ ପରୀକ୍ଷାରୁ ୬ ଦଳଙ୍କୁ ଯୋଗ୍ୟ ବିବେଚିତ କରାଯାଇ ଦ୍ୱିତୀୟ ରାଉଣ୍ଡକୁ ଉତ୍ତୀର୍ଣ୍ଣ କରାଯିବ। ପ୍ରତି ଆଞ୍ଚଳିକ ବା ଜୋନାଲ ରାଉଣ୍ଡରୁ ଗୋଟିଏ ଦଳ କୋଏମ୍ବାଟୁର ଠାରେ ଡିସେମ୍ବର ମାସରେ ଫାଇନାଲ୍ ପ୍ରତିଯୋଗିତାରେ ଭାଗ ନେବେ। ସେପ୍ଟେମ୍ବର ମାସ ୯ ତାରିଖ ସୁଦ୍ଧା ଏଥିପାଇଁ ଆବେଦନ କରିବାକୁ କଂପାନୀ ପକ୍ଷରୁ କୁହାଯାଇଛି। ଅଧିକ ବିବରଣୀ ପାଇଁ ୦୬୭୪-୬୬୪୫୦୩୦ ରେ ଯୋଗାଯୋଗ କରିବାକୁ କୁହାଯାଇଛି।



By: Vaishnavi - BIU Team